# ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ




# ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ନିମନ୍ତେ ମାର୍ଗଦର୍ଶିକା

## ୨୦୨୫-୨୬

ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡିଶା ସରକାର

www.oav.edu.in

ODISHA ADARSHA VIDYALAYA

INSPIRE AND EMPOWER

# ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ନିମନ୍ତେ ସାଧାରଣ ମାର୍ଗଦର୍ଶିକା

**୨୦୨୫-୨୬**

**ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ**
**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**
**ଓଡିଶା ସରକାର**

# ସୂଚୀ


| କ୍ରମାଙ୍କ | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ଉପକ୍ରମ | ୧ |
| ୨ | ଶ୍ରେଣୀର କ୍ଷମତା | ୧ |
| ୩ | ନାମଲେଖା ପାଇଁ ଯୋଗ୍ୟତା ର ମାନଦଣ୍ଡ | ୨ |
| ୪ | ନାମଲେଖା ନିମନ୍ତେ ଆବେଦନ କରିବାର ମାନଦଣ୍ଡ | ୨ |
| ୫ | ସଂରକ୍ଷଣ | ୩ |
| ୬ | ନାମଲେଖା ପ୍ରକ୍ରିୟା ର ନିୟମାବଳୀ | ୭ |
| ୭ | ପରୀକ୍ଷା ପରିଚାଳନା | ୯ |
| ୮ | ଗୋଟିଏ OAV ରୁ ଅନ୍ୟ OAV କୁ ଛାତ୍ରଛାତ୍ରୀ ଙ୍କ ସ୍ଥାନାନ୍ତର | ୧୦ |
| ୯ | ଅନ୍ୟାନ୍ୟ ବିବିଧ | ୧୧ |

# ଓଡିଶା ଆଦର୍ଶ ବିଦ୍ୟାଳୟରେ ୨୦୨୫-୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ନିମନ୍ତେ ସାଧାରଣ ମାର୍ଗଦର୍ଶିକା

## ୧. ଉପକ୍ରମ

ଓଡିଶା ଆଦର୍ଶ ବିଦ୍ୟାଳୟ ଓଡିଶା ରାଜ୍ୟ ସରକାର ଙ୍କର ଏକ ଉଚ୍ଚାଭିଳାଷୀ ପଦକ୍ଷେପ । ଓଡିଶା ର ଗ୍ରାମୀଣ ପ୍ରତିଭା ମାନଙ୍କୁ ବିନା ମୂଲ୍ୟରେ/ ସ୍ୱଳ୍ପ ମୂଲ୍ୟରେ ସି. ବି. ଏସ. ଇ (CBSE) ପାଠ୍ୟକ୍ରମ ଅନୁସାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏହାର ଲକ୍ଷ୍ୟ ।ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ୩୧୩ ଟି ବ୍ଲକ ରେ ୩୧୪ ଟି ଓଡିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ । ପର୍ଯ୍ୟାୟ କ୍ରମେ ସ୍ଥାପନ କରାଯାଇଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକର ବିବରଣୀ ନିମ୍ନୋକ୍ତ ସାରଣୀ - ୧ ରେ ପ୍ରଦାନ କରାଯାଇଛି । ୨୦୧୬-୨୦୧୭ ଶିକ୍ଷା ବର୍ଷ ରେ ଓଡିଶା ର ବିଭିନ୍ନ ବ୍ଲକରେ ୧୦୦ ଟି ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ସହିତ ଏହାର ପ୍ରାରମ୍ଭ ହୋଇଥିଲା | ଏହି ବିଦ୍ୟାଳୟ ମାନଙ୍କରେ ଷଷ୍ଠ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ ସହିତ ଅନୁଷ୍ଠାନ ଗୁଡିକୁ ଉତ୍କର୍ଷ କେନ୍ଦ୍ର ଭାବରେ ପରିଣତ କରାଇବାକୁ ଯୋଜନା କରାଯାଉଛି | ଏକ ସାଧାରଣ ପ୍ରବେଶିକା ପରୀକ୍ଷା ରେ **ଉତ୍ତୀର୍ଣ୍ଣ** ହୋଇ ସର୍ବୋଚ୍ଚ ପ୍ରାପ୍ତାଙ୍କ ଏବଂ ସଂରକ୍ଷିତ ଆସନ ଆଧାରରେ ଛାତ୍ର/ଛାତ୍ରୀ ମାନେ ଷଷ୍ଠ ଶ୍ରେଣୀରେ ଓ ସପ୍ତମ / ଅଷ୍ଟମ / ନବମ (ଖାଲି ଥିବା ଆସନ ରେ) ଶ୍ରେଣୀରେ ନାମ ଲେଖାଇ ପାରିବେ ।

**ସାରଣୀ - ୧**

| କ୍ରମାଙ୍କ | ଶିକ୍ଷାବର୍ଷ | ସ୍ଥାପିତ ଓଡିଶା ଆଦର୍ଶ ବିଦ୍ୟାଳୟର ସଂଖ୍ୟା |
|---|---|---|
| ୧ | ୨୦୧୬-୧୭ | ୧୦୦ |
| ୨ | ୨୦୧୭-୧୮ | ୬୦ |
| ୩ | ୨୦୧୮-୧୯ | ୩୦ |
| ୪ | ୨୦୧୯-୨୦ | ୨୬ |
| ୫ | ୨୦୨୦-୨୧ | ୩୬ |
| ୬ | ୨୦୨୨-୨୩ | ୬୪ |

## ୨. ଶ୍ରେଣୀର କ୍ଷମତା

ଓଡିଶା ଆଦର୍ଶ ବିଦ୍ୟାଳୟ ର ପ୍ରତି ଶ୍ରେଣୀ ରେ ଦୁଇଟି ବିଭାଗ ଅଛି । CBSE ର ନିୟମାବଳୀ ଅନୁଯାୟୀ ପ୍ରତ୍ୟେକ ବିଭାଗରେ ୪୦ ଟି ଆସନ ଓ ମୋଟ ଭାବରେ ପ୍ରତ୍ୟେକ ଶ୍ରେଣୀ ରେ ୮0 ଟି ଆସନ ରହିଛି । ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ପ୍ରାରମ୍ଭିକ ଶ୍ରେଣୀ ଷଷ୍ଠ ଅଟେ । ଛାତ୍ରଛାତ୍ରୀ ମାନେ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ଷଷ୍ଠ ଶ୍ରେଣୀ ସହିତ ପାର୍ଶ୍ୱିକ ପ୍ରବେଶ (LATERAL ENTRY) ମାଧ୍ୟମରେ ଖାଲି ଥିବା ସ୍ଥାନ ରେ ସପ୍ତମ / ଅଷ୍ଟମ / ନବମ ଶ୍ରେଣୀରେ ନାମ ଲେଖାଇ ପାରିବେ ।

ପ୍ରତ୍ୟେକ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ସେଥିରେ ଥିବା ଶ୍ରେଣୀ ଗୁଡିକର ତାଲିକା Annexure – A ରେ ପ୍ରଦାନ କରାଯାଇଛି ।

ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ନାମ ଲେଖା ପ୍ରକ୍ରିୟା ଏକ ସାଧାରଣ ପ୍ରବେଶିକା ପରୀକ୍ଷା ଏବଂ ଅନ୍ୟାନ୍ୟ ସର୍ତ୍ତ ଅନୁସାରେ ସମ୍ପାଦନା କରାଯାଇଥାଏ । ଏହାର ବିସ୍ତୃତ ବିବରଣୀ ନିମ୍ନ ରେ ପ୍ରଦାନ କରାଯାଇଛି ।

## ୩. ନାମଲେଖା ପାଇଁ ଯୋଗ୍ୟତା ର ମାନଦଣ୍ଡ

(କ) ଯେଉଁ ଛାତ୍ରଛାତ୍ରୀ ମାନେ ଓଡିଶା ର ସ୍ଥାୟୀ ବାସିନ୍ଦା ଅଟନ୍ତି କେବଳ ସେହି ମାନେ ହିଁ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ନାମ ଲେଖାଇବା ପାଇଁ ଯୋଗ୍ୟ ଅଟନ୍ତି ।

(ଖ) **୨୦୨୫-୨୬** ଶିକ୍ଷା ବର୍ଷ ରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ରେ ନାମଲେଖା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ନିଶ୍ଚିତ ରୂପେ **୨୦୨୪-୨୫** ଶିକ୍ଷା ବର୍ଷରେ ପଞ୍ଚମ ଶ୍ରେଣୀ ବାର୍ଷିକ ପରୀକ୍ଷା ଉତ୍ତୀର୍ଣ୍ଣ ହେଇଥିବେ ବା ପଢୁଥିବେ ଅଥବା ଷଷ୍ଠ ଶ୍ରେଣୀର ରେ ଅଧ୍ୟୟନ କରୁଥିବେ । ୩୧ - ୦୩ - **୨୦୨୫ ସୁଦ୍ଧା**, ଏଥିପାଇଁ ସର୍ବନିମ୍ନ ବୟସ ସୀମା **୧୦** ବର୍ଷ ବା ତଦୁର୍ଦ୍ଧ ଏବଂ ସର୍ବୋଚ୍ଚ ବୟସ ସୀମା **୧୨** ବର୍ଷ ଅଥବା **୧୨** ବର୍ଷ ରୁ କମ୍ ହୋଇଥିବ |

(ଗ) **୨୦୨୫-୨୬** ଶିକ୍ଷା ବର୍ଷ ରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ସପ୍ତମ ଶ୍ରେଣୀର ରେ ନାମଲେଖା ପାଇଁ **ଆଗ୍ରହୀ** ଛାତ୍ରଛାତ୍ରୀ ନିଶ୍ଚିତ ରୂପେ **୨୦୨୪-୨୫** ଶିକ୍ଷା ବର୍ଷ ରେ ଷଷ୍ଠ ଶ୍ରେଣୀ ରେ ଅଧ୍ୟୟନ କରୁଥିବେ କିମ୍ବା ଉତ୍ତୀର୍ଣ୍ଣ ହୋଇଥିବେ । ୩୧ - ୦୩ – **୨୦୨୫ ସୁଦ୍ଧା**, ଏଥିପାଇଁ ସର୍ବ ନିମ୍ନ ବୟସ ସୀମା **୧୧** ବର୍ଷ ବା ତଦୁର୍ଦ୍ଧ ଏବଂ ସର୍ବୋଚ୍ଚ ବୟସ ସୀମା **୧୩** ବର୍ଷ ବା **୧୩** ବର୍ଷ ରୁ କମ୍ ହୋଇଥିବ ।

(ଘ) **୨୦୨୫-୨୬** ଶିକ୍ଷା ବର୍ଷ ରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ରେ ନାମଲେଖା ପାଇଁ **ଆଗ୍ରହୀ** ଛାତ୍ରଛାତ୍ରୀ ନିଶ୍ଚିତ ରୂପେ **୨୦୨୪-୨୫** ଶିକ୍ଷା ବର୍ଷ ରେ ସପ୍ତମ ଶ୍ରେଣୀ ରେ ଅଧ୍ୟୟନ କରୁଥିବେ କିମ୍ବା ଉତ୍ତୀର୍ଣ୍ଣ ହୋଇଥିବେ । ୩୧ - ୦୩ - **୨୦୨୫ ସୁଦ୍ଧା**, ଏଥିପାଇଁ ସର୍ବନିମ୍ନ ବୟସ ସୀମା **୧୨** ବର୍ଷ ବା ତଦୁର୍ଦ୍ଧ ଏବଂ ସର୍ବୋଚ୍ଚ ବୟସ ସୀମା **୧୪** ବର୍ଷ ବା **୧୪** ବର୍ଷ ରୁ କମ୍ ହୋଇଥିବ ।

(ଙ) **୨୦୨୫-୨୬** ଶିକ୍ଷା ବର୍ଷ ରେ ଓଡିଶା ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀ ରେ ନାମଲେଖା ପାଇଁ ଆଗ୍ରହୀ **ଛାତ୍ରଛାତ୍ରୀ** ନିଶ୍ଚିତ ରୂପେ **୨୦୨୪-୨୫** ଶିକ୍ଷା ବର୍ଷ ରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବେ ଅଥବା ଉତ୍ତୀର୍ଣ୍ଣ ହୋଇଥିବେ । ୩୧ - ୦୩ - **୨୦୨୫ ସୁଦ୍ଧା**, ଏଥିପାଇଁ ସର୍ବନିମ୍ନ ବୟସ ସୀମା **୧୩** ବର୍ଷ ବା ତଦୁର୍ଦ୍ଧ ଏବଂ ସର୍ବୋଚ୍ଚ ବୟସ ସୀମା **୧୫** ବର୍ଷ ବା **୧୫** ବର୍ଷ ରୁ କମ୍ ହୋଇଥିବ ।

(ଚ) ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୨ ବର୍ଷ କୋହଳ କରାଯିବ ।

(ଛ) ଓଡିଶା ସରକାର ଙ୍କ ଅଧୀନରେ **କାର୍ଯ୍ୟକ୍ଷମ** ଥିବା ICSE/ CBSE ବିଦ୍ୟାଳୟ ତଥା ଓଡ଼ିଆ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ, ଯଦି ଏହି ବିଦ୍ୟାଳୟ ଗୁଡିକ ଓଡିଶା ସରକାର ଙ୍କ ଦ୍ୱାରା ସ୍ୱୀକୃତି ପ୍ରମାଣପତ୍ର (CoR) ପ୍ରାପ୍ତ କରିଥିବେ । ଏହି ପ୍ରମାଣ ପତ୍ର ଛାତ୍ରଛାତ୍ରୀଙ୍କର ଶେଷଥର ପଢିଥିବା ବିଦ୍ୟାଳୟ ଏବଂ ଯୋଗ୍ୟତାର ଶ୍ରେଣୀ ଓ ଶିକ୍ଷାବର୍ଷ ପାଇଁ ଉଦ୍ଦିଷ୍ଟ ହୋଇଥିବା ଆବଶ୍ୟକ ।

## ୪. ନାମଲେଖା ନିମନ୍ତେ ଆବେଦନ କରିବାର ମାନଦଣ୍ଡ

(କ) ଏକ ଶିକ୍ଷାବର୍ଷ ରେ, ଛାତ୍ରଛାତ୍ରୀ ମାନେ ଗୋଟିଏ ଶିକ୍ଷା ବର୍ଷ ପାଇଁ କେବଳ ଗୋଟିଏ ଓଡିଶା ଆଦର୍ଶ ବିଦ୍ୟାଳୟର ଗୋଟିଏ ଶ୍ରେଣୀରେ ନାମଲେଖାଇବା ପାଇଁ ଆବେଦନ କରି ପାରିବେ ।

(ଖ) ଛାତ୍ରଛାତ୍ରୀ ମାନେ କେବଳ ନିଜ ଆବାସିକ ବ୍ଲକ ରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି ।

(ଗ) ଯଦି ଆଶାୟୀ ଛାତ୍ରଛାତ୍ରୀ ଙ୍କର ନାମଲେଖା ପାଇଁ, ନିଜ ଆବାସିକ ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଉଦ୍ଦିଷ୍ଟ ଶ୍ରେଣୀ ନଥାଏ, ତେବେ ସେ ସମ୍ପୃକ୍ତ ଜିଲ୍ଲାର ଯେ କୌଣସି ଓଡିଶା ଆଦର୍ଶ ବିଦ୍ୟାଳୟରେ ଖାଲି ଥିବା ସ୍ଥାନ ରେ ନାମଲେଖା ନିମନ୍ତେ ଆବେଦନ କରିପାରିବେ ।

(ଘ) ଯଦି ଛାତ୍ରଛାତ୍ରୀ ଙ୍କର ନିଜ ଆବାସିକ ବ୍ଲକ ଅନ୍ତର୍ଭୁକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖାପାଇଁ ଉଦ୍ଦିଷ୍ଟ ଶ୍ରେଣୀ ଥାଏ ଏବଂ ସେଥିରେ କୌଣସି ଖାଲି ସ୍ଥାନ ନଥାଏ, ତେବେ ସେ ଅନ୍ୟ କୌଣସି ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଆବେଦନ କରିବାକୁ ଯୋଗ୍ୟ ନୁହନ୍ତି ।

(ଙ) ଯଦି କୌଣସି ଛାତ୍ରଛାତ୍ରୀ ରାଜ୍ୟର ଯେ କୌଣସି ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନରତ ଅଟନ୍ତି ତେବେ ସେ ପୁନଶ୍ଚ କୌଣସି ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖାପାଇଁ ଆବେଦନ କରିବାକୁ ଯୋଗ୍ୟ ନୁହନ୍ତି ।

(ଚ) ଯଦି କୌଣସି ଛାତ୍ରଛାତ୍ରୀ ନିଜ ଆବାସିକ ବ୍ଲକ ଅନ୍ତର୍ଭୁକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ବ୍ୟତିରକେ ଅନ୍ୟ କୌଣସି ବ୍ଲକ ଅନ୍ତର୍ଭୁକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଆବେଦନ କରିବେ, ତେବେ ସେ ଛାତ୍ରଛାତ୍ରୀଙ୍କୁ ନାମଲେଖା ସମୟରେ ସମ୍ପୃକ୍ତ ବ୍ଲକ ର ଆବାସିକ ପ୍ରମାଣପତ୍ର ଦାଖଲ କରିବେ ।

(ଛ) ଓଡିଶା ରାଜ୍ୟ ସରକାର ଙ୍କ ଅଧିନସ୍ତ କର୍ମଚାରୀ ତଥା ରାଜ୍ୟ P. S. U କର୍ମଚାରୀ ଙ୍କର ସନ୍ତାନ ସନ୍ତତି ମାନେ ନିଜ ସ୍ଥାୟୀ ଆବାସିକ ବ୍ଲକ ଅଧିନସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟ କିମ୍ବା ସେମାନେ କାର୍ଯ୍ୟରତ ବ୍ଲକ ଅନ୍ତର୍ଭୁକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଯେ କୌଣସି ଗୋଟିଏ ବିଦ୍ୟାଳୟ ରେ ନାମଲେଖା ପାଇଁ ଆବେଦନ କରିପାରିବେ ।

## ୫) ସଂରକ୍ଷଣ

(କ) ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ବ୍ଲକ ଅନୁଯାୟୀ କରାଯାଇଅଛି ଏବଂ ଏହି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ ଭାବରେ ଲିଙ୍ଗ ଭିତ୍ତିକ ଓ ସାମାଜିକ ବର୍ଗ ଆଧାରିତ ଅଟେ । ବ୍ଲକ ଅନୁଯାୟୀ ସାମାଜିକ ବର୍ଗ ସଂରକ୍ଷଣ ଭିତ୍ତିକ ତଥ୍ୟ Annexure – B ରେ ଦର୍ଶା ଯାଇଛି ।

(ଖ) ଅନୁସୂଚିତ ଜାତି (SC) ଓ ଅନୁସୂଚିତ ଜନଜାତି (ST) ସାମାଜିକ ବର୍ଗ ଭିତ୍ତିକ ସଂରକ୍ଷଣ ସମ୍ପୃକ୍ତ ବ୍ଲକ ର ଜନସଂଖ୍ୟା ର ଶତକଡା ଭାଗ ଉପରେ ନିର୍ଭର କରେ । ସରଂକ୍ଷିତ ସ୍ଥାନ ସଂଲଗ୍ନ ବି ରେ ପ୍ରଦାନ କରାଯାଇଛି ।

(ଗ) ଶ୍ରେଣୀ ଅନୁଯାଇ ସମସ୍ତ ବର୍ଗ ର ସ୍ୱୀକୃତ ସ୍ଥାନ ଗୁଡିକ ର ଶତକଡା ୫୦ ଭାଗ ଛାତ୍ରୀ ମାନଙ୍କ ପାଇଁ ସଂରକ୍ଷିତ ରହିବ । ଯଦି କୌଣସି କାରଣରୁ, ଏକ ବର୍ଗ ରେ ସ୍ଥାନ ଖାଲି ରୁହେ ତେବେ ସେହି ସ୍ଥାନ କୁ ନିମ୍ନ ସାରଣୀ-୨ ଅନୁସାରେ ସ୍ଥାନାନ୍ତରିତ କରାଯିବ ।

<u>ସାରଣୀ – ୨</u>

| କ୍ରମାଙ୍କ | ଖାଲିଥିବା ସାମାଜିକ ବର୍ଗ | ସ୍ଥାନାନ୍ତରଣ ର କ୍ରମ (ବର୍ଗ ଅନୁଯାୟୀ) |
|---|---|---|
| ୧ | ଅନୁସୂଚିତ ଜାତି (SC) | ଅନୁସୂଚିତ ଜନଜାତି -> ସାଧାରଣ ବର୍ଗ |
| ୨ | ଅନୁସୂଚିତ ଜନଜାତି (ST) | ଅନୁସୂଚିତ ଜାତି -> ସାଧାରଣ ବର୍ଗ |
| ୩ | ଅନୁସୂଚିତ ଜାତି (ବାଳିକା) (SC-W) | ଅନୁସୂଚିତ ଜାତି (ବାଳକ) -> ଅନୁସୂଚିତ ଜନଜାତି (ବାଳିକା) -> ଅନୁସୂଚିତ ଜନଜାତି (ବାଳକ) -> ସାଧାରଣ ବର୍ଗ (ବାଳିକା) -> ସାଧାରଣ ବର୍ଗ |
| ୪ | ଅନୁସୂଚିତ ଜନଜାତି (ବାଳିକା) (ST-W) | ଅନୁସୂଚିତ ଜନଜାତି (ବାଳକ) -> ଅନୁସୂଚିତ ଜାତି (ବାଳିକା) -> ଅନୁସୂଚିତ ଜାତି (ବାଳକ) -> ସାଧାରଣ ବର୍ଗ (ବାଳିକା) -> ସାଧାରଣ ବର୍ଗ |

ଉପରୋକ୍ତ ସାରଣୀ ଅନୁଯାୟୀ ଛାତ୍ରଛାତ୍ରୀ ମାନଙ୍କ ର ଉପଲବ୍ଧ ନହେବା କ୍ଷେତ୍ର ରେ ସ୍ଥାନ ଗୁଡିକ ଗୋଟିଏ ବର୍ଗ ରୁ ଅନ୍ୟ ବର୍ଗ କୁ ସ୍ଥାନାନ୍ତରିତ ହେବେ । ଏହା ଷଷ୍ଠ, ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀ କ୍ଷେତ୍ର ନିମନ୍ତେ ପ୍ରଯୁଜ୍ୟ ହେବ ।

(ଘ) ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ଅଧିକାର ଅଧିନିୟମ - ୨୦୧୬ ଅନୁଯାୟୀ, ମଞ୍ଜୁରୀ ପ୍ରାପ୍ତ ଆସନ ଗୁଡିକର **୫%** ଭିନ୍ନକ୍ଷମ (PwD) ଙ୍କ ପାଇଁ ସଂରକ୍ଷିତ ରହିବ । ନିମ୍ନ ରେ ଦିଆଯାଇଥିବା ଭିନ୍ନକ୍ଷମ ବର୍ଗ ମାନଙ୍କୁ (PwD) ସଂରକ୍ଷଣ ପାଇଁ ବିବେଚନା କରାଯିବ ।

| Sl. No. | Type of Disease | Sl. No. | Type of Disease | Sl. No. | Type of Disease |
|---|---|---|---|---|---|
| 1 | Blindness | 8 | Mental Illness | 15 | Speech and Language Disability |
| 2 | Low – vision | 9 | Autism Spectrum Disorder | 16 | Thalassemia |
| 3 | Leprosy Cured persons | 10 | Cerebral Palsy | 17 | Haemophilia |
| 4 | Hearing Impairment | 11 | Muscular Dystrophy | 18 | Sickle Cell Disease |
| 5 | Locomotor disability | 12 | Chronic Neurological Conditions | 19 | Multiple Disabilities including deaf-blindness |
| 6 | Dwarfism | 13 | Specific Learning Disabilities | 20 | Acid Attack Victims |
| 7 | Intellectual Disability | 14 | Multiple Sclerosis | 21 | Parkinson's Disease |

ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ଅଧିକାର ଅଧିନିୟମ - ୨୦୧୬ ର ଧାରା ୫୭ (୧) [Rights of Persons with Disabilities Act, 2016, Clause 57 (1) ] ଅନୁଯାୟୀ, ଜଣେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ୪୦% ବା ତଦୁର୍ଦ୍ଧ ଅକ୍ଷମତା ଥିବା ଛାତ୍ରଛାତ୍ରୀ ଦିବ୍ୟାଙ୍ଗ ସଂରକ୍ଷଣ ପାଇଁ ଯୋଗ୍ୟ ହେବେ ।

ସେମାନଙ୍କର ଚୟନ ପ୍ରଥମେ କରାଯିବ ଏବଂ ସେମାନେ ନିଜର ଜାତିଗତ ଓ ଲିଙ୍ଗଗତ ଭିତ୍ତିକ ଆଧାର ଚୟନ ପ୍ରକ୍ରିୟାରୁ ସ୍ଥାନ ନେବେ । ସରଂକ୍ଷଣ ପାଇଁ ଛାତ୍ରଛାତ୍ରୀ, ନାମଲେଖା ସମୟରେ ଭିନ୍ନକ୍ଷମ ସଂକ୍ରାନ୍ତୀୟ ସ୍ୱୀକୃତ ପ୍ରମାଣପତ୍ର ର ନକଲ ଦାଖଲ କରିବେ ।

## (ଙ) ମାନ୍ୟବର ବିଧାୟକ/ ମାନ୍ୟବର ସାଂସଦ/ ଜିଲ୍ଲାପାଳ ଙ୍କ ନିମନ୍ତେ ଥିବା ସଂରକ୍ଷିତ ଆସନ ଗୁଡିକ ସମ୍ପର୍କରେ ନିମ୍ନମତେ ଉଲ୍ଲେଖ କରାଯାଇଅଛି ।

(୧) ମାନ୍ୟବର ବିଧାୟକ ତାଙ୍କର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରତ୍ୟେକ ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପାଇଁ ୨ ଜଣ ଛାତ୍ରଛାତ୍ରୀଙ୍କ ନାମ ସୁପାରିଶ କରିପାରିବେ ।

(୨) ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଥିବା ଭୌଗୋଳିକ ବ୍ଲକ ରେ ଯଦି ଦୁଇ ଜଣ ମାନ୍ୟବର ବିଧାୟକଙ୍କ ନିର୍ବାଚନ ମଣ୍ଡଳୀ ରହିଅଛି, ତେବେ ୨ ଟି ଆସନ ସେମାନଙ୍କ ମଧ୍ୟରେ ସମାନ ଭିତ୍ତିରେ ବଣ୍ଟନ ହେବ ଏବଂ ଜଣେ ବିଧାୟକ ଯେ କୌଣସି ଜଣେ ଛାତ୍ରଛାତ୍ରୀ ଙ୍କ ନାମ ସୁପାରିଶ କରିପାରିବେ ।

(୩) ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଥିବା ବ୍ଲକ ରେ ଯଦି ୨ ଠାରୁ ଅଧିକ ବିଧାୟକଙ୍କ ନିର୍ବାଚନ ମଣ୍ଡଳୀ ଥାଏ, ତେବେ, ୨ ଟି ଆସନ କୁ, ନିର୍ବାଚନ ମଣ୍ଡଳୀର ସର୍ବାଧିକ ଜନସଂଖ୍ୟା ଆଧାରରେ ୨ ବିଧାୟକ ଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟା ଯିବ | ଏହି ୨ ବିଧାୟକ, ୧ ଟି କରି ଷଷ୍ଠ ଶ୍ରେଣୀ ରେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀ ଙ୍କର ନାମ ସୁପାରିଶ କରିପାରିବେ | ସବୁ ଠାରୁ କମ ଜନସଂଖ୍ୟା ଥିବା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ କୌଣସି ଛାତ୍ରଛାତ୍ରୀଙ୍କ ର ନାମ ନାମଲେଖା ପାଇଁ ସୁପାରିଶ କରି ପାରିବେ ନାହିଁ |

(୪) ଯଦି ଜଣେ ବିଧାୟକ ଙ୍କ ଭୌଗୋଳିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ବ୍ଲକ ରେ ଗୋଟିଏ ଓଡିଶା ଆଦର୍ଶ ବିଦ୍ୟାଳୟ ଆସୁଅଛି କିନ୍ତୁ ବିଦ୍ୟାଳୟ ର ପରିସର ଅନ୍ୟ ଜଣେ ବିଧାୟକ ଙ୍କ ଭୌଗୋଳିକ ଅଧିକାର ଅନ୍ତର୍ଭୁକ୍ତ ଭିନ୍ନ ଏକ ବ୍ଲକ ରେ ସ୍ଥାପିତ ହୋଇଛି, ତେବେ ଉକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଷଷ୍ଠ ଶ୍ରେଣୀ ରେ ନାମଲେଖା ନିମିତ୍ତ ବିଧାୟକ ଙ୍କ ଉଦ୍ଦିଷ୍ଟ ସଂରକ୍ଷିତ ୨ ଟି ଆସନ ସେହି ବିଧାୟକ ଙ୍କୁ ଦିଆଯିବ, ଯାହାଙ୍କ ଭୌଗୋଳିକ ଅଧିକାର ଅଧୀନରେ ପ୍ରକୃତରେ ବିଦ୍ୟାଳୟ ଟି ସ୍ଥାପିତ ହେବା କଥା କିନ୍ତୁ ଉପଯୁକ୍ତ ସ୍ଥାନ / ଜମି ଅଭାବରୁ ଅନ୍ୟତ୍ର ସ୍ଥାପିତ ହୋଇଛି ।

(୫) ମାନ୍ୟବର ସାଂସଦ (ଲୋକସଭା ) ନିଜ ନିର୍ବାଚନ ମଣ୍ଡଳୀ ରେ ଅବସ୍ଥିତ ଯେ କୌଣସି ଗୋଟିଏ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ଷଷ୍ଠ ଶ୍ରେଣୀରେ ନାମଲେଖା ନିମନ୍ତେ କେବଳ ଜଣେ ଛାତ୍ରଛାତ୍ରୀ ଙ୍କର ନାମ ସୁପାରିଶ କରିପାରିବେ । ଯଦି ମାନ୍ୟବର ସାଂସଦ (ଲୋକସଭା ) ଙ୍କ ନିର୍ବାଚନ ମଣ୍ଡଳୀ ଅଧୀନରେ ୧ ରୁ ଅଧିକ ଜିଲ୍ଲା ଅଛି, ତେବେ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ନାମ ଲେଖା ନିମନ୍ତେ ସୁପାରିଶ ଗ୍ରହଣ କରୁଥିବା ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ସୁପାରିଶ ହୋଇଥିବା ପ୍ରାର୍ଥୀଙ୍କୁ ଷଷ୍ଠ ଶ୍ରେଣୀ ରେ ନାମ ଲେଖାଇବା ପାଇଁ ଅନୁମତି ଦେବାପୂର୍ବରୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଅନ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ନିକଟରୁ ମାନ୍ୟବର ସାଂସଦ (ଲୋକସଭା ) ଙ୍କର ନାମଲେଖା ସୁପାରିଶ ର ସ୍ଥିତି ସମ୍ପର୍କ ରେ ଜ୍ଞାତ ହେବେ ।

(୬) ମାନ୍ୟବର ସାଂସଦ (ରାଜ୍ୟସଭା) ରାଜ୍ୟରେ ଥିବା ଯେ କୌଣସି ଗୋଟିଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଷଷ୍ଠ ଶ୍ରେଣୀରେ ନାମଲେଖାଇବା ପାଇଁ କେବଳ ଜଣେ ଛାତ୍ର/ଛାତ୍ରୀ ଙ୍କର ନାମ ସୁପାରିଶ କରିପାରିବେ । ମାନ୍ୟବର ସାଂସଦ (ରାଜ୍ୟସଭା) ସୁପାରିଶ ଟିକୁ ସମ୍ପୃକ୍ତ ଜିଲ୍ଲା ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବେ । ଏହା କେବଳ ରାଜ୍ୟ ସ୍ତରରେ ମାନ୍ୟବର ସାଂସଦ (ରାଜ୍ୟସଭା ) ସୁପାରିଶ ଆଧାରରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଙ୍କ ତଥ୍ୟ ସଂଗ୍ରହ ନିମନ୍ତେ ଉଦ୍ଦିଷ୍ଟ ।

(୭) ମାନ୍ୟବର ବିଧାୟକ କିମ୍ବା ମାନ୍ୟବର ସାଂସଦ (ରାଜ୍ୟସଭା / ଲୋକସଭା) ଙ୍କ ସୁପାରିଶ କ୍ରମେ ଛାତ୍ରଛାତ୍ରୀ ଙ୍କର କରାଯାଇଥିବା ନାମଲେଖା ଶ୍ରେଣୀ ରେ ଥିବା ମୋଟ ୮୦ ସ୍ଥାନ ମଧ୍ୟରେ ଏବଂ ସମ୍ପୃକ୍ତ ଛାତ୍ରଛାତ୍ରୀ ଙ୍କ ନିଜ ସାମାଜିକ ବର୍ଗରେ କରାଯିବ ।

(୮) ମାନ୍ୟବର ବିଧାୟକ କିମ୍ବା ମାନ୍ୟବର ସାଂସଦ (ଲୋକସଭା /ରାଜ୍ୟସଭା) ଙ୍କ ଦ୍ୱାରା ସୁପାରିଶ କ୍ରମେ ନାମଲେଖାଇବା ପାଇଁ, ଛାତ୍ରଛାତ୍ରୀ ମାନେ ନିଶ୍ଚିତ ଭାବରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇଥିବେ ।

**(ଚ)** ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ର ଚେୟାରମ୍ୟାନ ଭାବରେ ସମ୍ପୃକ୍ତ ଜିଲ୍ଲା ର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଷଷ୍ଠ ଶ୍ରେଣୀରେ ନାମ ଲେଖା ପାଇଁ ୨ ଜଣ ଛାତ୍ରଛାତ୍ରୀଙ୍କ ନାମ ସୁପାରିଶ କରିପାରିବେ । ଏହି ୨ ଜଣ ଛାତ୍ରଛାତ୍ରୀଙ୍କ ର ନାମଲେଖା ଶ୍ରେଣୀ ରେ ଥିବା ମୋଟ ୮୦ ସ୍ଥାନ ମଧ୍ୟରେ ଏବଂ ସମ୍ପୃକ୍ତ ଛାତ୍ରଛାତ୍ରୀ ଙ୍କ ନିଜ ସାମାଜିକ ବର୍ଗରେ କରାଯିବ । ପ୍ରାଥମିକତା ଆଧାରରେ ଅନାଥ ଶିଶୁ ତଥା ଓଡିଶା ଆଦର୍ଶ ବିଦ୍ୟାଳୟ ରେ କାର୍ଯ୍ୟରତ କର୍ମଚାରୀ ଙ୍କର ସନ୍ତାନ ସନ୍ତତି ମାନଙ୍କୁ

ଏବଂ ଆବଶ୍ୟକ ସ୍ଥଳେ ସାମାଜିକ ସୁବିଧାରୁ ବଞ୍ଚିତ, ଯୋଗ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ସୁଯୋଗ ପ୍ରାପ୍ତ କରିବା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀ ନିଶ୍ଚିତ ଭାବରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇଥିବେ ।

(ଛ) ଯେଉଁ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ନାମଲେଖାଇବା ପାଇଁ ଛାତ୍ରଛାତ୍ରୀ ମାନେ ପଞ୍ଜୀକରଣ କରିଥିବେ ଏବଂ ପ୍ରବେଶିକା ପରୀକ୍ଷା ଦେଇଥିବେ, ମାନ୍ୟବର ସାଂସଦ (ଲୋକସଭା/ ରାଜ୍ୟସଭା) / ମାନ୍ୟବର ବିଧାୟକ / ଜିଲ୍ଲାପାଳ ଙ୍କ ସୁପାରିଶ କ୍ରମେ ଛାତ୍ରଛାତ୍ରୀ ମାନେ କେବଳ ସେହି ଓଡିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇପାରିବେ ।

(ଜ) ସୁପାରିଶ କ୍ରମେ ୭ମ/ ୮ମ/ ୯ମ ଶ୍ରେଣୀ ରେ କୌଣସି ଛାତ୍ରଛାତ୍ରୀଙ୍କର ନାମଲେଖା ଯିବ ନାହିଁ ।

## (ଝ) ସୁପାରିଶ ପାଇଁ ସମୟ ଅବଧି

| କ୍ରମାଙ୍କ | ସୁପାରିଶ କରୁଥିବା ବ୍ୟକ୍ତି / ଅଧିକାରୀ | ସମୟ ଅବଧି | କାହା ନିକଟକୁ ପଠାଇବେ |
|---|---|---|---|
| ୧ | ମାନ୍ୟବର ସାଂସଦ (ରାଜ୍ୟସଭା) | ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ଠାରୁ ୧୦ ଦିନ ମଧ୍ୟରେ | ସେହି ଜିଲ୍ଲା ର ଜିଲ୍ଲା ଶିକ୍ଷା ଅଧିକାରୀ ଯେଉଁ ଜିଲ୍ଲାରେ ସମ୍ପୃକ୍ତ ଆଦର୍ଶ ବିଦ୍ୟାଳୟ ଅବସ୍ଥିତ। ଜିଲ୍ଲା ଶିକ୍ଷା ଅଧିକାରୀ ସୁପାରିଶ ଗ୍ରହଣ କରିବାର ୩ ଦିନ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଙ୍କ ନିକଟକୁ |
| ୨ | ମାନ୍ୟବର ସାଂସଦ(ଲୋକସଭା) | ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ଠାରୁ ୧୦ ଦିନ ମଧ୍ୟରେ | ସେହି ଜିଲ୍ଲା ର ଜିଲ୍ଲା ଶିକ୍ଷା ଅଧିକାରୀ ଯେଉଁ ଜିଲ୍ଲାରେ ସମ୍ପୃକ୍ତ ଆଦର୍ଶ ବିଦ୍ୟାଳୟ ଅବସ୍ଥିତ। ଜିଲ୍ଲା ଶିକ୍ଷା ଅଧିକାରୀ ସୁପାରିଶ ଗ୍ରହଣ କରିବାର ୩ ଦିନ ମଧ୍ୟରେ ଅନୁମୋଦନ କରି ସମ୍ପୃକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କ ନିକଟକୁ |
| ୩ | ମାନ୍ୟବର ବିଧାୟକ | ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ଠାରୁ ୧୦ ଦିନ ମଧ୍ୟରେ | ସମ୍ପୃକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କ ନିକଟକୁ |
| ୪ | ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ | ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ଠାରୁ ୧୦ ଦିନ ମଧ୍ୟରେ | ସମ୍ପୃକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କ ନିକଟକୁ |

(ଞ) ସୁପାରିଶ କ୍ରମେ ନାମଲେଖା ସମାପ୍ତ ହେବା ପରେ, ସେହି ସୁପାରିଶ କୌଣସି ପରିସ୍ଥିତି ରେ ମଧ ବାତିଲ ହୋଇପାରିବ ନାହିଁ ।

(ଟ) ମଞ୍ଜୁରୀ ପ୍ରାପ୍ତ ଆସନ ଗୁଡିକର ୫% ରାଜ୍ୟସରକାର ଏବଂ ରାଜ୍ୟ PSU କର୍ମଚାରୀ ଙ୍କ ସନ୍ତାନ ସନ୍ତତି ମାନଙ୍କ ପାଇଁ ସଂରକ୍ଷିତ ରଖାଯିବ । ଏହି ଆସନ ଗୁଡିକ ଛାତ୍ରଛାତ୍ରୀଙ୍କ ସମ୍ପୃକ୍ତ ସାମାଜିକ ବର୍ଗ ରେ ଅନ୍ତର୍ଭୁକ୍ତ କରାଯିବ । କୌଣସି କାରଣ ରୁ ଯଦି ଛାତ୍ର/ଛାତ୍ରୀ ମାନେ ନାମ ଲେଖା ପାଇଁ ଉଦ୍ଦିଷ୍ଟ ଏହି ଆସନ ସେହି ନିର୍ଦ୍ଦିଷ୍ଟ ବର୍ଗର ଛାତ୍ରଛାତ୍ରୀ ରେ ଉପଲବ୍ଧ ହୁଅନ୍ତି, ବର୍ଗ ଅନୁଯାୟୀ ଆସନ ଗୁଡିକ ସାଧାରଣ ତାଲିକା କୁ ଆସିବ ।

(ଠ) ପ୍ରାଥମିକତା ଭିତ୍ତିରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର କର୍ମଚାରୀ ମାନଙ୍କ ସନ୍ତାନ ସନ୍ତତି ମାନଙ୍କୁ ନାମ ଲେଖାଇବା ପାଇଁ ଅଗ୍ରାଧିକାର ଦିଆଯିବ । ଏଥିପାଇଁ ସମ୍ପୃକ୍ତ ଛାତ୍ର /ଛାତ୍ରୀ ମାନଙ୍କୁ ପ୍ରବେଶିକା ପରୀକ୍ଷା ଦେବାକୁ ହେବ କାରଣ ସେମାନେ ସମ୍ପୃକ୍ତ ବର୍ଗ ରେ ଥିବା ଆସନ ଗୁଡିକ ପାଇଁ ମନୋନୀତ ହେବେ ।

## ୬. ନାମଲେଖା ପ୍ରକ୍ରିୟା ର ନିୟମାବଳୀ

(କ) ୩୧୪ ଟି ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀର ରେ ନାମ ଲେଖା ପାଇଁ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, କଟକ (BSE Odisha, Cuttack) ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପରୀକ୍ଷା କେନ୍ଦ୍ର ଗୁଡିକରେ, ଧାର୍ଯ୍ୟ ତାରିଖ ଓ ସମୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

(ଖ) ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀର ରେ ନାମଲେଖା ପାର୍ଶ୍ୱିକ ପ୍ରବେଶ (lateral entry) ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟ ରେ ଖାଲି ଥିବା ଆସନ ଗୁଡିକ ଆଧାରରେ ପ୍ରବେଶିକା ପରୀକ୍ଷା କରାଯିବ । ଏହି ପରୀକ୍ଷା ପାଇଁ ତାରିଖ ଏବଂ ପରୀକ୍ଷା କେନ୍ଦ୍ର BSE Odisha ଦ୍ୱାରା ଧାର୍ଯ୍ୟ କରାଯିବ । ପ୍ରତ୍ୟେକ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ୨୫ - ୦୯ – ୨୦୨୪ ସୁଦ୍ଧା ଖାଲି ଥିବା ଆସନ ର ବିବରଣୀ Annexure - C ରେ ପ୍ରଦାନ କରାଯାଇଛି ।

(ଗ) BSE Odisha ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ କରିବେ ଏବଂ ନାମଲେଖା ପାଇଁ ଯୋଗ୍ୟ ଦରଖାସ୍ତ ଗୁଡିକୁ ଗ୍ରହଣ କରିବେ । ଏହି ପ୍ରକ୍ରିୟା ନୂତନ ପ୍ରବେଶ ଭାବରେ ଷଷ୍ଠ ଏବଂ ପାର୍ଶ୍ୱିକ ପ୍ରବେଶ (lateral entry) ଭାବରେ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ନିମନ୍ତେ ପ୍ରଯୁଜ୍ୟ ଅଟେ ।

(ଘ) ବିଜ୍ଞାପନ ଅନୁଯାୟୀ, ପ୍ରବେଶିକା ପରୀକ୍ଷା ନିମନ୍ତେ ଆଶାୟୀ ପ୍ରାର୍ଥୀ BSE Odisha ର website (www.bseodisha.ac.in ) ରେ ଅନଲାଇନ ପ୍ରକ୍ରିୟା ମାଧ୍ୟମରେ ଆବେଦନ କରିପାରିବେ । ଯଦି କୌଣସି ବ୍ୟକ୍ତି ଅନଲାଇନ ପ୍ରକ୍ରିୟା ରେ ଦରଖାସ୍ତ ଦେବା ପାଇଁ ଅସହଜ ମନେ କରନ୍ତି କିମ୍ବା ଅସମର୍ଥ ହୁଅନ୍ତି ତେବେ ସମ୍ପୃକ୍ତ ପ୍ରାର୍ଥୀ BSE Odisha ର website ରୁ ଆବେଦନ ପତ୍ର ଟିକୁ download କରିବେ ଓ ସଠିକ ଭାବରେ ପୂରଣ କରି, ଯେଉଁ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଚାହୁଁଥିବେ, ସେହି ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କ ପାଖରେ ଦାଖଲ କରିବେ । ସମ୍ପୃକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଗ୍ରହଣ କରିଥିବା ସମସ୍ତ ଆବେଦନ ପତ୍ର ଗୁଡିକୁ BSE Odisha ର website ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିବେ ।

(ଙ) ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ର (OAVET) ସ୍ଥାନ, ତାରିଖ ଓ ସମୟ ନିର୍ଦ୍ଧାରିତ ସମୟରେ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ ହେବ । ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ପତ୍ର ଦାଖଲ କରିଥିବା ପାର୍ଥୀ ମାନଙ୍କୁ BSE Odisha ଦ୍ୱାରା ପରୀକ୍ଷା ର କେନ୍ଦ୍ର, ତାରିଖ ଏବଂ ସମୟ ପୂର୍ବରୁ ସୂଚିତ କରାଯିବ । ଏହି ପ୍ରବେଶିକା ପରୀକ୍ଷା OMR sheet ମାଧ୍ୟମରେ କରାଯିବ ।

(ଚ) ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିର୍ଦ୍ଧାରିତ ସମୟ ଅନୁସାରେ ଶେଷ ହେବା ପରେ OMR ଉତ୍ତରଖାତା ଗୁଡିକୁ BSE Odisha ସଂଗ୍ରହ କରିନେବ । ଉତ୍ତର ପତ୍ର ମୂଲ୍ୟ ନିର୍ଦ୍ଧାରଣ ପରେ ସାଧାରଣ ମେଧା ତାଲିକା (COMMON MERIT LIST) ପ୍ରକାଶିତ ହେବ ଏବଂ ଏହି ତାଲିକା ସମ୍ପୃକ୍ତ ଜିଲ୍ଲା ର ଜିଲ୍ଲା ଶିକ୍ଷା ଅଧିକାରୀ/ ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ (District Education Officer/ OAV Principal) ଙ୍କ ନିକଟକୁ ପରବର୍ତ୍ତୀ କାର୍ଯ୍ୟଧାରା ନିମନ୍ତେ ପଠାଯିବ ।

(ଛ) Merit List ପାଇବା ପରେ, ସଂରକ୍ଷଣ ଓ Annexure – B ରେ ଥିବା ବର୍ଗ ଆସନ ବଣ୍ଟନ କୁ ଆଧାର କରି ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ଉକ୍ତ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନ ରେ ନାମ ଲେଖା ପାଇଁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଏବଂ Waiting list ଛାତ୍ରଛାତ୍ରୀଙ୍କର ତାଲିକା ପ୍ରସ୍ତୁତ କରିବେ | ସମସ୍ତ ତାଲିକା ଜିଲ୍ଲାପାଳ ଙ୍କ ଅନୁମୋଦନ ପାଇଁ ପ୍ରେରଣ କରାଯିବ | ଜିଲ୍ଲାପାଳ ଙ୍କ ଅନୁମୋଦନ ପରେ ସମସ୍ତ ତାଲିକା ଜିଲ୍ଲାର ସରକାରୀ website ,

ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ , ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ (office of Block Education Officer) ଓ ଆଦର୍ଶ ବିଦ୍ୟାଳୟ ରେ ପ୍ରଦର୍ଶିତ କରାଯିବ | ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଙ୍କ ନାମଲେଖା ସମାପ୍ତ ହେବା ପରେ ଖାଲି ଥିବା ସ୍ଥାନ Waiting list ରୁ ପୂରଣ କରାଯିବ ।

(ଜ) ଯଦି ନାମ ଲେଖା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ନାମ ଲେଖାଇବାରେ ବିଫଳ ହୁଅନ୍ତି କିମ୍ବା ଛାତ୍ରଛାତ୍ରୀଙ୍କର ପିତାମାତା ଙ୍କୁ ସଠିକ ଭାବରେ ନାମଲେଖା ବିଷୟରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜଣାଇବା ପରେ ମଧ୍ୟ ନାମଲେଖା ନିମନ୍ତେ ଉଦ୍ଧିଷ୍ଟ ନଥିପତ୍ର ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ସମ୍ପୃକ୍ତ ପ୍ରାର୍ଥୀ ଙ୍କର ପ୍ରାର୍ଥୀତ୍ୱ ବାତିଲ ହେଇଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟ ଚୟନ ହେବ । ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଚୟନ ତାଲିକା ରୁ ପ୍ରାର୍ଥୀତ୍ବ ବାତିଲ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବାଦ ଦେଲା ପରେ ସେହି ସ୍ଥାନ ରେ କ୍ରମ ଓ ବର୍ଗ ଅନୁଯାୟୀ ନୂତନ ପ୍ରାର୍ଥୀ ଚୟନ ସହିତ ପରବର୍ତ୍ତୀ ପ୍ରାର୍ଥୀ ଚୟନ ତାଲିକା ପ୍ରକାଶିତ ହେବ ।

(ଝ) ଓଡିଶା ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ଆସନ ଅନୁଯାୟୀ ଧାର୍ଯ୍ୟ ତାରିଖ ମଧ୍ୟରେ ସମସ୍ତ ଅନୁମୋଦିତ ଆସନ ଗୁଡିକରେ ନାମଲେଖା ପୂରଣ ନହେବାପର୍ଯ୍ୟନ୍ତ waiting list ଅନୁସାରେ ନାମ ଲେଖାଇପାରିବେ ।

(ଞ) ଆବେଦନ ଏବଂ ନାମଲେଖା ପ୍ରକ୍ରିୟା ସୂଚୀ Annexure – D ରେ ସୂଚିତ କରାଯାଇଅଛି ।

(ଟ) ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ନାମଲେଖା ନିମନ୍ତେ ମନୋନୀତ ଛାତ୍ରଛାତ୍ରୀ ଙ୍କର ଆବଶ୍ୟକୀୟ ବିଭିନ୍ନ ପ୍ରମାଣପତ୍ର ଓ ଅନ୍ୟାନ୍ୟ ଦଲିଲ ଗୁଡିକୁ ସଠିକ ଭାବରେ ଯାଞ୍ଚ କରିବା ପରେ ସମ୍ପୃକ୍ତ ଛାତ୍ରଛାତ୍ରୀ ଙ୍କୁ ନାମଲେଖାଇବାପାଇଁ ଅନୁମତି ଦେବେ ଏବଂ ନାମଲେଖା (Admission) ଓ ପ୍ରତ୍ୟାହାର (TC) ରେଜିଷ୍ଟର ଗୁଡିକୁ ପରିଚାଳନା କରିବେ ।

(ଠ) ଯଦି ନାମ ଲେଖା ସମୟରେ କୌଣସି ପ୍ରାର୍ଥୀଙ୍କର କୌଣସି ପ୍ରକାର ର ବିବାଦ ଅବା ତ୍ରୁଟି ଦେଖାଯାଏ ତେବେ ସମ୍ପୃକ୍ତ ଜିଲ୍ଲା ର ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ସମ୍ପୃକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ଉନ୍ନୟନ କମିଟି ର ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ହେବ ।

## (ଡ) ନାମଲେଖା ସମୟରେ ଆବଶ୍ୟକ ହେଉଥିବା ଦସ୍ତାବିଜ ଗୁଡିକର ସୂଚୀ

(୧) ଛାତ୍ରଛାତ୍ରୀ ଙ୍କର ଜନ୍ମ ପ୍ରମାଣପତ୍ର ।

(୨) ପୂର୍ବରୁ ଅଧ୍ୟୟନ କରୁଥିବା ବିଦ୍ୟାଳୟ ରୁ Transfer Certificate (TC)

(୩) ପ୍ରାର୍ଥୀ ଙ୍କର ସପକ୍ଷରେ ପ୍ରାପ୍ତ କରିଥିବା TC ରେ ଉଲ୍ଲେଖ ଥିବା ଜନ୍ମ ତାରିଖ / ପ୍ରାର୍ଥୀ ଙ୍କର ନାମ / ମାତା ପିତା ଙ୍କ ଇତ୍ୟାଦି ବିବରଣୀ ଗୁଡିକୁ ଚୂଡାନ୍ତ ଭାବରେ ବିବେଚନା କରାଯିବ ।

(୪) ଛାତ୍ରଛାତ୍ରୀଙ୍କର ଜାତିଗତ ପ୍ରମାଣପତ୍ର (ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ) ।

(୫) ବିଭାଗୀୟ ଅଧିକାରୀ ଙ୍କର ନିକଟରୁ ପ୍ରାପ୍ତ ଭିନ୍ନକ୍ଷମ ସମର୍ଥନ ରେ ଭିନ୍ନକ୍ଷମ ପ୍ରମାଣପତ୍ର (PwD Certificate) (ଆବଶ୍ୟକ ଅନୁଯାୟୀ) ।

(୬) ପଞ୍ଜୀକରଣ ସମୟରେ ଦିଆ ଯାଇଥିବା ସ୍ଥାୟୀ ଠିକଣାର ଆବାସିକ ପ୍ରମାଣ ପତ୍ର (ସମ୍ପୃକ୍ତ ଅଞ୍ଚଳ ର ତହସିଲଦାର /ସରପଞ୍ଚ / କାଉନସିଲରଙ୍କର ନିକଟରୁ ପ୍ରାପ୍ତ) ।

(୭) ରାଜ୍ୟ ସରକାରଙ୍କ ଠାରୁ ପ୍ରଦତ୍ତ ସ୍ୱୀକୃତି ପ୍ରମାଣ ପତ୍ର (ପ୍ରାର୍ଥୀ ଅଧ୍ୟୟନ କରୁଥିବା ପୂର୍ବ ବିଦ୍ୟାଳୟ ଯଦି ବେସରକାରୀ ବିଦ୍ୟାଳୟ ହୋଇଥାଏ)

(୮) ପିତାମାତା / ଅଭିଭାବକ ଙ୍କ ସରକାରୀ ନିଯୁକ୍ତି ପ୍ରମାଣପତ୍ର / PSU ପ୍ରମାଣପତ୍ର (ଯଦି ନାମଲେଖା ରାଜ୍ୟସରକାର /ରାଜ୍ୟ PSU କର୍ମଚାରୀ ସଂରକ୍ଷଣ ଅଧୀନରେ କରାଯାଏ)

(୯) ପ୍ରାର୍ଥୀ, ମାତାପିତା / ଅଭିଭାବକ ଙ୍କର ଆଧାର କାର୍ଡ ର ସମ୍ପୂର୍ଣ୍ଣ ବିବରଣୀ ।

## ୭. ପରୀକ୍ଷା ପରିଚାଳନା

(କ) BSE Odisha ଦ୍ୱାରା ପ୍ରକାଶିତ ଏବଂ ବିଜ୍ଞାପନ ଅନୁଯାୟୀ ପରୀକ୍ଷା କେନ୍ଦ୍ର ରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା କରାଯିବ ।

(ଖ) ଏହି ପ୍ରବେଶିକା ପରୀକ୍ଷା ରେ ପ୍ରଶ୍ନ ପତ୍ର ବହୁବିକଳ୍ପିୟ (Multiple Choice Questions) ରହିବ |

(ଗ) ପ୍ରଶ୍ନ ମାନଙ୍କର ଭୁଲ ଉତ୍ତର ନିମିତ୍ତ କୌଣସି ମାର୍କ କଟାଯିବ ନାହିଁ ।

(ଘ) ପରୀକ୍ଷା ର ସମୟସୀମା, ପ୍ରଶ୍ନପତ୍ର ର ଭାଷା, ପରୀକ୍ଷାରେ ପଚରାଯିବାକୁ ଥିବା ବିଷୟ, ପ୍ରତ୍ୟେକ ବିଷୟ ନିମନ୍ତେ ଉଦ୍ଧିଷ୍ଟ ମାର୍କ, ପ୍ରଶ୍ନ ସଂଖ୍ୟା, ସମ୍ପୂର୍ଣ୍ଣ ମାର୍କ ଇତ୍ୟାଦି  ବିଷୟ ଯାହା OAVET ସହ ସମ୍ବନ୍ଧିତ ତାହା ନିମ୍ନ ସାରଣୀ - ୩ ରେ ପ୍ରଦାନ କରାଯାଇଅଛି ।

<u>ସାରଣୀ – ୩</u>

| ଶ୍ରେଣୀ | ପରୀକ୍ଷାର ଅବଧି | ପ୍ରଶ୍ନପତ୍ର ର ଭାଷା | ପରୀକ୍ଷାର ବିଷୟ | ମାର୍କ | ପ୍ରଶ୍ନ ସଂଖ୍ୟା | ପୂର୍ଣ୍ଣ ସଂଖ୍ୟା (ପ୍ରତ୍ୟେକ ପ୍ରଶ୍ନ ୧ ମାର୍କ) |
|---|---|---|---|---|---|---|
| ଷଷ୍ଠ | ୨ ଘଣ୍ଟା | ଓଡ଼ିଆ ଏବଂ ଇଂରାଜୀ | ଇଂରାଜୀ, ଗଣିତ, ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ (ପଞ୍ଚମ ଶ୍ରେଣୀ ପାଠ୍ୟକ୍ରମ ଅନୁସାରେ) | ୧୫ ମାର୍କ ପ୍ରତ୍ୟେକ ବିଷୟ ପାଇଁ | ୬୦ | ୬୦ |
| ସପ୍ତମ | ୩ ଘଣ୍ଟା | ଓଡ଼ିଆ ଏବଂ ଇଂରାଜୀ | ଇଂରାଜୀ, ଓଡ଼ିଆ, ଗଣିତ, ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ (ଷଷ୍ଠ ଶ୍ରେଣୀ ପାଠ୍ୟକ୍ରମ ଅନୁସାରେ) | ୨୦ ମାର୍କ ପ୍ରତ୍ୟେକ ବିଷୟ ପାଇଁ | ୧୦୦ | ୧୦୦ |
| ଅଷ୍ଟମ | ୩ ଘଣ୍ଟା | ଓଡ଼ିଆ ଏବଂ ଇଂରାଜୀ | ଇଂରାଜୀ, ଓଡ଼ିଆ, ଗଣିତ, ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ (ସପ୍ତମ ଶ୍ରେଣୀ ପାଠ୍ୟକ୍ରମ ଅନୁସାରେ) | ୨୦ ମାର୍କ ପ୍ରତ୍ୟେକ ବିଷୟ ପାଇଁ | ୧୦୦ | ୧୦୦ |
| ନବମ | ୩ ଘଣ୍ଟା | ଓଡ଼ିଆ ଏବଂ | ଇଂରାଜୀ, ଓଡ଼ିଆ, ଗଣିତ, ବିଜ୍ଞାନ ଏବଂ ସାମାଜିକ | ୨୦ ମାର୍କ ପ୍ରତ୍ୟେକ ବିଷୟ | ୧୦୦ | ୧୦୦ |

| | | | | | | |
|---|---|---|---|---|---|---|
| | | ଇଂରାଜୀ | ବିଜ୍ଞାନ (ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମ ଅନୁସାରେ) | ପାଇଁ | | |

(ଙ) ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୫ BSE Odisha କଟକ ଦ୍ୱାରା ମନୋନୀତ କେନ୍ଦ୍ର ମାନଙ୍କ ରେ ଅନୁଷ୍ଠିତ ହେବ । ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଙ୍କ ନିଯୁକ୍ତି ନିର୍ଦ୍ଦେଶ BSE Odisha ଦ୍ୱାରା ପ୍ରଦାନ କରାଯିବ, ଯିଏକି ପରୀକ୍ଷା ପରିଚାଳନା ଦାୟିତ୍ୱ ରେ ରହିବେ । ଓଡିଶା ଆଦର୍ଶ ବିଦ୍ୟାଳୟ ଅନୁସାରେ Descriptive Role ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମିତ୍ତ ପ୍ରବେଶିକା ପତ୍ର BSE Odisha ଦ୍ୱାରା ପ୍ରସ୍ତୁତ କରାଯିବ । OAVET-2025 ପ୍ରବେଶିକା ପରୀକ୍ଷା ପାଇଁ ପରୀକ୍ଷାର୍ଥୀ ମାନେ ନିଜର ପ୍ରବେଶିକା ପତ୍ର କୁ download କରିପାରିବେ । ପ୍ରବେଶିକା ପରୀକ୍ଷା କୁ ସଂଚାଳନ କରିବା ପାଇଁ BSE Odisha ଦ୍ୱାରା squard ନିୟୋଜିତ କରାଯିବ । OAVET ର ସମ୍ପୂର୍ଣ୍ଣ ନିୟମାବଳୀ BSE Odisha ଦ୍ୱାରା ପରୀକ୍ଷା କେନ୍ଦ୍ର କୁ ପଠାଯିବ ।ପରୀକ୍ଷା ସମାପ୍ତି ପରେ ପରୀକ୍ଷା କେନ୍ଦ୍ର ର ଅଧୀକ୍ଷକ ପରୀକ୍ଷାର୍ଥୀ ଙ୍କ OMR sheet ଏବଂ ଅନ୍ୟ ଅବ୍ୟବହୃତ ପରୀକ୍ଷା ଉପକରଣ ଯାହା BSE Odisha ଦ୍ୱାରା ପ୍ରଦତ୍ତ ସେ ସମସ୍ତ ଉପକରଣ କୁ Board ସଦସ୍ୟ ଙ୍କୁ ହସ୍ତାନ୍ତର କରିବେ ।

(ଚ) BSE Odisha ପରୀକ୍ଷା ସମୟରେ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶନାମା ପଠାଇବେ ।

## ୮. ଗୋଟିଏ OAV ରୁ ଅନ୍ୟ OAV କୁ ଛାତ୍ରଛାତ୍ରୀ ଙ୍କ ସ୍ଥାନାନ୍ତର (Transfer of Student)

(କ) ଯେଉଁ ଛାତ୍ରଛାତ୍ରୀ ଷଷ୍ଠ / ସପ୍ତମ / ଅଷ୍ଟମ / ଶ୍ରେଣୀରେ ପାଠ ପଢୁଛନ୍ତି ସେମାନେ ଗୋଟିଏ ଓଡିଶା ଆଦର୍ଶ ବିଦ୍ୟାଳୟ ରୁ ଅନ୍ୟ ଏକ ଓଡିଶା ଆଦର୍ଶ ବିଦ୍ୟାଳୟ କୁ ସ୍ଥାନାନ୍ତରିତ ହୋଇପାରିବେ । ନବମ ଶ୍ରେଣୀ ରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ସ୍ଥାନାନ୍ତରଣ କେବଳ CBSE ପଞ୍ଜୀକରଣ ପୂର୍ବରୁ କରାଯାଇପାରିବ |

(ଖ) ମ୍ୟୁଚୁଆଲ ଟ୍ରାନ୍ସଫର (Mutual Transfer) ନିମନ୍ତେ ଇଚ୍ଛୁକ ଉଭୟ ପକ୍ଷର ଛାତ୍ରଛାତ୍ରୀ ଙ୍କ ପିତାମାତା କିମ୍ବା ଅଭିଭାବକ ଉଭୟ ଆଦର୍ଶ ବିଦ୍ୟାଳୟ ରେ ଆବେଦନ କରିବେ । ଉଭୟ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଉକ୍ତ ଛାତ୍ରଛାତ୍ରୀଙ୍କର ସାମାଜିକ ବର୍ଗ ଓ ଶ୍ରେଣୀ ଯାଞ୍ଚ କରିବା ପରେ, ଉଭୟ ପକ୍ଷର ସମସ୍ତ ତଥ୍ୟ ଓ ଦସ୍ତାବିଜ ନିମ୍ନମତେ ଅନୁମୋଦନ ପାଇଁ ପଠାଇବେ ।

(୧) ସମାନ ଜିଲ୍ଲା ଭିତରେ ହୋଇଥିଲେ, ଜିଲ୍ଲାପାଳ ଙ୍କ ଅନୁମୋଦନ ପାଇଁ ପଠାଇବେ ।

(୨) ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ହୋଇଥିଲେ, ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନଙ୍କ ଅନୁମୋଦନ ନିମନ୍ତେ ପଠାଇବେ ।

ମ୍ୟୁଚୁଆଲ ଟ୍ରାନ୍ସଫର (Mutual Transfer) ଆବେଦନ ନିମନ୍ତେ ଉଭୟ ଛାତ୍ରଛାତ୍ରୀ ସମାନ ଶ୍ରେଣୀ ଓ ସମାନ ସାମାଜିକ ବର୍ଗର ହୋଇଥିବା ଆବଶ୍ୟକ ।

(ଗ) ଯଦି ଏକ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ସମ୍ପୃକ୍ତ ସାମାଜିକ ବର୍ଗ ଅନୁଯାୟୀ ଆସନ ଖାଲିଥିବ ତେବେ ସେହି ସାମାଜିକ ବର୍ଗ ରେ ଛାତ୍ରଛାତ୍ରୀ ଙ୍କର ସ୍ଥାନାନ୍ତରଣ ସମ୍ଭବ ହୋଇପାରିବ ।

(ଘ) ଯଦି ଛାତ୍ରଛାତ୍ରୀ ଙ୍କର ପିତାମାତା କିମ୍ବା ଅଭିଭାବକ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ ହେଲେ କିମ୍ବା

ଛାତ୍ରଛାତ୍ରୀ ଙ୍କର ଶିକ୍ଷାର ଅଭିବୃଦ୍ଧି କୁ ଦୃଷ୍ଟି ରେ ରଖି ଛାତ୍ରଛାତ୍ରୀ ମାନଙ୍କର ଏକ ଓଡିଶା ଆଦର୍ଶ ବିଦ୍ୟାଳୟ ରୁ ଅନ୍ୟ କୁ ସ୍ଥାନାନ୍ତରଣ କରାଯାଇପାରିବ ।

(ଙ) ଜିଲ୍ଲାର ଜିଲ୍ଲାପାଳଙ୍କ ଅନୁମୋଦନ ପାଇବା ପରେ ଜିଲ୍ଲା ଭିତରେ ଛାତ୍ରଛାତ୍ରୀ ମାନେ ସ୍ଥାନାନ୍ତରିତ ହୋଇ ପାରିବେ । ଏଥି ପାଇଁ ପିତାମାତା ଙ୍କୁ ଉକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଙ୍କ ନିକଟରେ ଆବେଦନ କରିବାକୁ ପଡିବ ଯେଉଁଠାରେ ଛାତ୍ରଛାତ୍ରୀ ସ୍ଥାନାନ୍ତର ପରେ ଅଧ୍ୟୟନ କରିବେ । ବିଦ୍ୟାଳୟ ର ଅଧ୍ୟକ୍ଷ ଆବେଦନ ପତ୍ର ଓ ଛାତ୍ରଛାତ୍ରୀ ଙ୍କର ସାମାଜିକ ବର୍ଗ ଅନୁସାରେ ଖାଲି ସ୍ଥାନ ର ସଂଖ୍ୟା ଯାଞ୍ଚ କରିବେ । ବିଦ୍ୟାଳୟ ର ଅଧ୍ୟକ୍ଷ ପତ୍ର ମାଧ୍ୟମରେ ଛାତ୍ରଛାତ୍ରୀ ଙ୍କ ବିବରଣୀ ସେ ବର୍ତ୍ତମାନ ପଢୁଥିବା ବିଦ୍ୟାଳୟ ର ଅଧ୍ୟକ୍ଷଙ୍କ ଠାରୁ ମଗାଇବେ । ବିବରଣୀ ପ୍ରାପ୍ତ ହେଲା ପରେ ବିଦ୍ୟାଳୟ ର ଅଧ୍ୟକ୍ଷ ସମସ୍ତ ତଥ୍ୟ ଓ ଦସ୍ତାବିଜ ଜିଲ୍ଲା ର ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ପଠାଇବେ । ଅନୁମୋଦନ ପରେ ଛାତ୍ରଛାତ୍ରୀ ସ୍ଥାନାନ୍ତରିତ ହେବାକୁ ଚାହୁଁଥିବା ଓଡିଶା ଆଦର୍ଶ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇପାରିବେ ।

(ଚ) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଙ୍କ ଅନୁମତି ପାଇପାରିବା ପରେ ଛାତ୍ରଛାତ୍ରୀ ଗୋଟିଏ ଜିଲ୍ଲା ରୁ ଅନ୍ୟ ଜିଲ୍ଲା କୁ ସ୍ଥାନାନ୍ତରିତ ହୋଇପାରିବେ । ଏଥି ପାଇଁ ପିତାମାତା ଙ୍କୁ ଉକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଙ୍କ ନିକଟରେ ଆବେଦନ କରିବାକୁ ପଡିବ ଯେଉଁଥିରେ ଛାତ୍ରଛାତ୍ରୀ ସ୍ଥାନାନ୍ତର ପରେ ଅଧ୍ୟୟନ କରିବେ । ଉକ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ଅନୁରୋଧ ପତ୍ର ଯାଞ୍ଚ କରିବେ ଏବଂ ଛାତ୍ର/ଛାତ୍ରୀ ପଢୁଥିବା ବିଦ୍ୟାଳୟ ରୁ ସମସ୍ତ ତଥ୍ୟ ଆଣିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସହ ଆବେଦନ କୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଙ୍କ ପାଖକୁ ପଠାଇବେ । ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଙ୍କ ଠାରୁ ଅନୁମୋଦନ ପାଇବା ପରେ ଛାତ୍ରଛାତ୍ରୀ ଟି ପଢୁଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସମ୍ପୃକ୍ତ ଛାତ୍ରଛାତ୍ରୀ ଟିକୁ ସ୍ଥାନାନ୍ତରିତ ପ୍ରମାଣପତ୍ର (TC) ଦେଇପାରିବେ । ଅନୁମୋଦନ ପତ୍ର e-mail ମାଧ୍ୟମରେ ବର୍ତ୍ତମାନ ପଢୁଥିବା ଓ ପଢିବାକୁ ଚାହୁଁଥିବା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ମାନଙ୍କୁ ଜଣାଇ ଦିଆଯିବ । E - mail ପଠାଇବାର ଠିକଣା - oavsbbsr.od@gov.in ।

(ଛ) ଦଶମ, ଏକାଦଶ, ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଗୋଟିଏ ଓଡିଶା ଆଦର୍ଶ ବିଦ୍ୟାଳୟ ରୁ ଅନ୍ୟ ଓଡିଶା ଆଦର୍ଶ ବିଦ୍ୟାଳୟ କୁ ସ୍ଥାନାନ୍ତର ପାଇଁ ଯୋଗ୍ୟ ନୁହନ୍ତି କାରଣ ସେମାନେ CBSE ରେ ତାଙ୍କ ନାମ ପଞ୍ଜୀକରଣ କରିସାରିଛନ୍ତି ।

(ଜ) ପ୍ରତିବର୍ଷ ନାମଲେଖା ପ୍ରକ୍ରିୟା ସମାପ୍ତ ହେବାର ଏକମାସ ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ସ୍ଥାନାନ୍ତର ଅନୁମତି ଦିଆଯିବ ଏବଂ ଏହାପରେ ଆଉ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ । ସମସ୍ତ ପ୍ରକାର ନାମ ଲେଖା ପ୍ରକ୍ରିୟା ସମାପ୍ତ ହେବା ପରେ କୌଣସି ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ପିତାମାତା ଙ୍କ ସ୍ଥାନାନ୍ତର ଅନୁରୋଧ କୁ ସଂଗଠନ କୁ ପଠାଇବେ ନାହିଁ ।

## ୯. ଅନ୍ୟାନ୍ୟ ବିବିଧ

ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ପ୍ରଦାନ କରାଯାଇନଥିବା ଅଥବା କୌଣସି ସନ୍ଦେହ କିମ୍ବା ଅନ୍ୟ କୌଣସି ପ୍ରସଙ୍ଗରେ, କେନ୍ଦ୍ର ଅଧୀକ୍ଷକ (Centre Superintendent)/ ଜିଲ୍ଲା ଶିକ୍ଷା ଅଧିକାରୀ (District Education Officer) ଆବଶ୍ୟକ ନିଷ୍ପତ୍ତି ନେଇପାରିବେ ।

ODISHA ADARSHA VIDYALAYA

INSPIRE AND EMPOWER

# ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ଏନ୍ - ୧/୯, ଦୂରଦର୍ଶନ କେନ୍ଦ୍ର ନିକଟବର୍ତ୍ତୀ, ନୟାପଲ୍ଲୀ,
ଭୁବନେଶ୍ୱର, ଓଡ଼ିଶା, ୭୫୧୦୦୫